# ଏୟାରପୋର୍ଟ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ




**ରାଉରକେଲା, ୭।୧(ସମିସ)**

ସୁନ୍ଦରଗଡ଼ ଜିଲ୍ଲା ତଥା ରାଉରକେଲା ବିକାଶ ପ୍ରସଙ୍ଗରେ ଦଳମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବାକୁ ରାଉରକେଲା ବିମାନ ବନ୍ଦର ସମ୍ମୁଖରେ ଜାରି ରହିଥିବା ରାଉରକେଲା ଏୟାରପୋର୍ଟ କ୍ରିୟାନୁଷ୍ଠାନ କମିଟିର ଗଣଧାରଣାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମର୍ଥନ ଦିଆଯାଇଛି। ରାଉରକେଲା ରାଜ୍ୟର ଦ୍ୱିତୀୟ ସ୍ମାର୍ଟ ସିଟି ଭାବେ ପରିଗଣିତ ହେଉଥିଲା ବେଳେ ସହର ବିଭିନ୍ନ ସମୟରେ ଅବହେଳାର ଶିକାର ହୋଇଛି। ରାଉରକେଲା ବିମାନ ବନ୍ଦର ତାହାର ଏକ ଜ୍ୱଳନ୍ତ ଉଦାହରଣ। ୨ବର୍ଷ ଧରି ଉଡାନ ଯୋଜନାରେ ବିମାନ ବନ୍ଦର କାର୍ଯ୍ୟକ୍ଷମ ହୋଇଥିଲା ବେଳେ ଏକ ମାତ୍ର ପୁରୁଣା ବିମାନ ଏଠାରୁ ଭୁବନେଶ୍ୱର ଓ କୋଲକାତାକୁ ଯାଉଛି। ଆବଶ୍ୟକୀୟ ସାମଗ୍ରୀ ଯଥା ଆଇଏଲ୍ଏସ ବା ପାଗ ଖରାପରେ ଉଡାଜାହାଜ ସହଜ ସାଧ ଅବତରଣ ଯନ୍ତ୍ରାଂଶ ଓ ଏନ୍ଏଲ୍ଏସ ବା ରାତ୍ରିକାଳୀନ ଅବତରଣ ଯନ୍ତ୍ରାଂଶ ଏୟାରପୋର୍ଟ ବିଭାଗ ନ ଯୋଗାଇଦେବା ଯୋଗୁଁ ବହୁ ସମୟରେ ବିମାନ ଯାତ୍ରୀ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଉରକେଲା ଏୟାରପୋର୍ଟ କ୍ରିୟାନୁଷ୍ଠାନ କମିଟି ଯେଉଁ ୪ ଦଫା ଦାବି ନେଇ ଆନ୍ଦୋଳନ ଜାରି ରଖିଛି ତାହାକୁ ମଙ୍ଗଳବାର ଉଦ୍ଭବର ସମ୍ପାଦକ ବେଦ ପ୍ରକାଶ ତିୱାରୀ, କ୍ରିଷ୍ଣା ସିଂ, ଅଜିତ ସିଂ ଯାଦବ,

**ବିଭିନ୍ନ ସଙ୍ଗଠନର ସମର୍ଥନ**

ବିହାର ସାଂସ୍କୃତିକ ପରିଷଦ ସମ୍ପାଦକ ଦେବୁ ସିଂ, ରାମ ସିଂ, ସୁଗ୍ରୀବ ଶର୍ମା, ରାଷ୍ଟ୍ରୀୟ ଜନ ଜାଗରଣ ସେବା ସଂଘ ସଭାପତି ଅରୁଣ ସିଂ, ଶିବ ସାଗର ରାଣା, ଉମେଶ ସିଂ, ବିହାର ସମାଜ ସେବା ସଂଘର ହରିଶଙ୍କର ଶାହ, ବିଦ୍ୟାପତି ମିଥିଳା ପରିଷଦର ସଞ୍ଜୟ ଝା, କ୍ରିଷ୍ଣା ଚେତନା ସମାଜର ସତିଶ ସିଂ, ଅରିଜିନାଲ୍ ପାୱାର କ୍ଲବର ଋଷି ସେବକ, ଉତ୍ତର ଭାରତୀୟ ସମନ୍ୱୟ ସମିତିର ଓପି ସିଂ ପ୍ରମୁଖ ସମର୍ଥନ ଜଣାଇଛନ୍ତି।

# 'ଯତରା' ଆର୍‌ଏସ୍‌ପି ଷ୍ଟଲ୍‌ରେ ଭିଡ଼



**ରାଉରକେଲା, ୭।୧(ସମିସ):** ସୁନ୍ଦରଗଡ଼ର ଯାତ୍ରା ପଡ଼ିଆଠାରେ ଜାନୁଆରୀ ୨ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଯତରା-୨୦୨୫ରେ ଓଡ଼ିଶାର ପ୍ରମୁଖ ଇସ୍ପାତ ଶିଳ୍ପ ସେଲ୍‌ର, ରାଉରକେଲା ଇସ୍ପାତ କାରଖାନାର ଆକର୍ଷଣୀୟ ପ୍ୟାଭିଲିୟନକୁ ନେଇ ପରିଦର୍ଶକମାନେ ବିପୁଳ ଆଗ୍ରହ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାର ଓ ଏମ୍ଏସ୍ଏମ୍ଇ ଶିଳ୍ପ ସହଯୋଗରେ ଓର୍‌ମାସ୍ ଦ୍ୱାରା ଆୟୋଜିତ ଏହି ପାଞ୍ଚ ଦିନିଆ ମେଗା ଇଭେଣ୍ଟକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଜାନୁଆରୀ ୨ତାରିଖରେ ଓଡ଼ିଶା ସରକାରଙ୍କ ପଞ୍ଚାୟତ ରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ତଥା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି, ଶିଳ୍ପ ବିଶେଷଜ୍ଞ, ଉଦ୍ୟୋଗୀ ଏବଂ ସରକାରୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଜାନୁଆରୀ ୪ ତାରିଖ ଦିନ ସନ୍ଧ୍ୟାରେ ଆର୍‌ଏସ୍‌ପି ସହର ପ୍ରଶାସନ ଓ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି କେ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ଏହି ସମଗ୍ର ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଆର୍‌ଏସ୍‌ପିର ବିପୁଳ ଅବଦାନର ସ୍ୱୀକୃତି ସ୍ୱରୂପ ଆର୍‌ଏସ୍‌ପିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆର୍‌ଏସ୍‌ପି ପକ୍ଷରୁ ଶ୍ରୀ ସ୍ୱାଇଁ ଏହି ସମ୍ମାନ ଗ୍ରହଣ କରିଥିଲେ। ପ୍ୟାଭିଲିୟନରେ ଆର୍‌ଏସ୍‌ପିର ଐତିହାସିକ ଯାତ୍ରା, ଅଭିବୃଦ୍ଧି ଏବଂ ଓଡ଼ିଶା ପ୍ରତି ଅବଦାନ, କମ୍ପାନୀର ଉତ୍ପାଦ ସମୂହ, ଉତ୍ପାଦନ ସ୍ଥିତି, କ୍ରୀଡ଼ା ପଦକ୍ଷେପ ଏବଂ ସିଏସ୍‌ଆର୍ କାର୍ଯ୍ୟଧାରା ପରି ପ୍ରମୁଖ ଦିଗଗୁଡ଼ିକ ପ୍ରଦର୍ଶିତ ହୋଇଥିଲା।

# ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ



**ରାଉରକେଲା, ୭।୧(ସମିସ):** ସ୍ଥାନୀୟ ଜଳଦାସ୍ଥିତ ପ୍ରିୟଦର୍ଶିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୪ ତାରିଖ ଦିନ ପ୍ରଥମ ବର୍ଷ ଯୁକ୍ତ ୨ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ୬ ତାରିଖରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୮ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ଅରୁନ୍ଧତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଳିକାମାନଙ୍କ ଆତ୍ମସୁରକ୍ଷା ଉପରେ ସୂଚନା ପ୍ରଦାନ କରି କହିଲେ ସାମ୍ପ୍ରତିକ ଉଚ୍ଛୃଙ୍ଖଳିତ ସମାଜରେ ଛାତ୍ରୀମାନେ ନିଜର ସୁରକ୍ଷା ବିଷୟରେ ସଚେତନ ରହିବା ସହ ଆତ୍ମ ସୁରକ୍ଷା କ୍ଷେତ୍ରରେ ଯତ୍ନବାନ ହେବା ଉଚିତ୍। ଏହି ଆତ୍ମରକ୍ଷା ଶିବିରର ପରିଚାଳନା ଅଧିକାରୀ ତଥା ଗଣିତ ଅଧ୍ୟାପିକା ଅପରାଜିତା ମିଶ୍ର ସଭା ପରିଚାଳନା କରିବା ସହିତ ସାମ୍ପ୍ରତିକ ସମୟରେ ବାଳିକାମାନଙ୍କ ଆତ୍ମ ସୁରକ୍ଷାର ତାତ୍ପର୍ଯ୍ୟ ଏବଂ ଏହାର ଆବଶ୍ୟକତା ତଥା ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆତ୍ମରକ୍ଷା ଉପରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଛାତ୍ରୀ ଅମ୍ରିତା ପୂରଣ ଏବଂ ବିନୀତା ଓରାମ୍ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ସହ ସଂଯୋଜିକା ଅଧ୍ୟାପିକା କାଜଲ ଟପ୍ପୋ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ଅଧ୍ୟାପିକା ମାଣିକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଡକ୍ଟର ସରିତା ଦାସ, ସୁନନ୍ଦା ନାଥ, ଡକ୍ଟର ମୀନତି ଦାସ, ଭାଗ୍ୟଲତା ଶର୍ମା, ସୁନନ୍ଦା ମୁଣ୍ଡୁ, ଅଧ୍ୟାପିକା ସୋନମ ଲାକ୍ରା, ଅଧ୍ୟାପିକା ନିକିତା କେର୍କେଟା, କ୍ରୀଡ଼ା ପ୍ରଶିକ୍ଷିକା ଇତିଶ୍ରୀ ପଟ୍ଟନାୟକ, ଡେମୋନଷ୍ଟ୍ରେଟର ମୀନା ମହନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ।

## ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲ

ରାଉରକେଲା ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳରର ଅଧ୍ୟକ୍ଷ ଡକ୍ଟର ସନାତନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ କିପରି ନିଜକୁ ଅସାମାଜିକଙ୍କ କବଳରୁ ରକ୍ଷା କରିବା ନିମିତ୍ତ ନିଜେ ସ୍ୱୟଂ ସକ୍ଷମ ହୋଇପାରିବେ ତା ଉପରେ ଆଲୋକପାତ



କରିବା ସହ ଓଡ଼ିଶା ସରକାରଙ୍କ ଏହିଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରତ୍ୟୁଷରେ ବିଦ୍ୟାଳୟର ଛାତ୍ରୀମାନେ ଶିବିରରେ ଯୋଗଦାନ କରି ଆତ୍ମରକ୍ଷା ବିଷୟରେ ବିଭିନ୍ନ କୌଶଳ ଉପରେ ତାଲିମ ନେଇଥିଲେ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ପ୍ରତିଦିନ ଯୋଗ ଦେବାକୁ ଛାତ୍ରୀମାନଙ୍କୁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଏହି ଶିବିରକୁ ମାଷ୍ଟର ଟ୍ରେନର୍ ନିକ୍କୀ କୁଶ୍ୱାହା, ସ୍ୱାଗତିକା ସାହୁ, ତୁଳସୀ ସାହୁ, ଗାୟତ୍ରୀ ସାହୁ ଏବଂ ଅସମାନୀ ମିଞ୍ଜ ପରିଚାଳନା କରୁଥିବାବେଳେ କୋଅର୍ଡିନେଟର ଭାବେ କ୍ୟାପଟେନ୍ ସତ୍ୟ ନାରାୟଣ ରାଉତ ଏବଂ ଭାଗ୍ୟଲକ୍ଷ୍ମୀ ବେହେରା ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି।

# ଆର୍‌ଏସ୍‌ପିର ହଟ୍ ଷ୍ଟ୍ରିପ୍ ମିଲ୍‌ରେ ନୂତନ ଏକଦିବସୀୟ ଉତ୍ପାଦନ ରେକର୍ଡ




ରାଉରକେଲା, ୭।୧(ସମିସ): ସେଲ, ରାଉରକେଲା ଇସ୍ପାତ କାରଖାନାର (ଆର୍‌ଏସ୍‌ପି) ର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍ -୨ ବିଭାଗର ସିଟ୍ ସିୟରିଙ୍ଗ ଲାଇନ୍ (ଏସଏସଏଲ) ୨୦୨୫ ଜାନୁଆରୀ ୬ ତାରିଖରେ ୪୯ଟି କଏଲ ରୋଲିଙ୍ଗ କରି ୧୨୧୩ ଟନ୍ ହଟ ରୋଲ୍ଡ ପ୍ଲେଟ (ଏଚ ଆର ପ୍ଲେଟ) ଉତ୍ପାଦନ ପୂର୍ବକ ନୂତନ ଏକ ଦିବସୀୟ ଉତ୍ପାଦନ ରେକର୍ଡ ସ୍ଥାପନ କରିଛି। ଏଥିସହିତ ମିଲ ୨୦୨୪ ସେପ୍ଟେମ୍ବର ମାସର ହାସଲ ହୋଇଥିବା ୧୨୦୮ ଟନ ପୂର୍ବ ଶ୍ରେଷ୍ଠ ଏକଦିବସୀୟ ରେକର୍ଡକୁ ଅତିକ୍ରମ କରିଛି। ଏଥି ସମେତ ୟୁନିଟ ଜାନୁଆରୀ ୬ ତାରିଖ ଏ ସିଫ୍ଟ ପାଳିରେ ୨୦ଟି କଏଲ ରୋଲିଙ୍ଗ ପୂର୍ବକ ୫୪୯ ଟନ ପ୍ଲେଟ ଉତ୍ପାଦନ ସହକାରେ ସର୍ବଶ୍ରେଷ୍ଠ ସିଫ୍ଟ ଉତ୍ପାଦନ ରେକର୍ଡ ମଧ୍ୟ ହାସଲ କରିଛି ଏବଂ ସେପ୍ଟେମ୍ବର ୭ ତାରିଖରେ ଗୋଟିଏ ପାଳିରେ ହାସଲ ହୋଇଥିବା ୫୦୮ ଟନ୍ ଉତ୍ପାଦନର ପୂର୍ବ ରେକର୍ଡରେ ଉନ୍ନତି ଆଣିଛି। ଏଚ୍ଏସ୍ଏମ୍-୨ ବିଭାଗୀୟ ଦଳର ଉତ୍ସର୍ଗୀକୃତ ପ୍ରୟାସ ତଥା ପିପିସି, ସପ୍ପ ଓ ଡିଜାଇନ, ଆରସିଏଲ, ସି ଆଣ୍ଡ ଆଇଟି, ଆଇ ଆଣ୍ଡ ଏ, ଟିଆରଏମ, ସେଣ୍ଟ୍ରାଲ ଇଲେକ୍ଟ୍ରିକଲ ମେଣ୍ଟେନାନ୍ସ ଏବଂ ଅନ୍ୟ ସହଯୋଗୀ ଏଜେନ୍ସିଙ୍କ ଯୋଗଦାନ ଯୋଗୁଁ ଏହି ସଫଳତା ହାସଲ ହୋଇପାରିଛି।

ସୂଚନାଯୋଗ୍ୟ ଯେ, ପ୍ରକଳ୍ପ ବିଭାଗର ତତ୍ତ୍ୱାବଧାନରେ ମିତସୁବିସି କର୍ପୋରେସନ୍ ଏବଂ ଏଲ୍ ଆଣ୍ଡ ଟିର ଯୌଥ ପ୍ରୟାସ ଦ୍ୱାରା ସ୍ଥାପିତ ଏବଂ କାର୍ଯ୍ୟକ୍ଷମ ହୋଇଥିବା ଏଚ୍ଏସ୍ଏମ୍- ୨ରେ ଏସ୍ଏସ୍ଏଲ୍ ଲାଇନରେ ଅତ୍ୟାଧୁନିକ ସୁବିଧା ଏବଂ ଆଧୁନିକ କାରିଗରୀ ସମ୍ପନ୍ନ ଅଟୋମେସନ୍ ରହିଛି। ଯାହାର ବୈଶିଷ୍ଟ୍ୟ ମଧ୍ୟରେ ଅଟୋ ସିୟରିଙ୍ଗ ଓ ହ୍ୟାଣ୍ଡଲିଂ କ୍ଷମତା ଅନ୍ତର୍ଭୁକ୍ତ ରହିଛି। ସିୟରିଙ୍ଗ ଲାଇନରେ ସ୍ୱୟଂଚାଳିତ ସିଟ୍ ଷ୍ଟ୍ରାପିଂ ମେସିନ୍ ଏବଂ ଏକ ସ୍ୱୟଂଚାଳିତ ସିଟ୍ ପେଣ୍ଟ ମାର୍କିଂ ମେସିନ ରହିଛି ଯାହା, କାର୍ଯ୍ୟରେ ଉଚ୍ଚ ଦକ୍ଷତା ଏବଂ ସଠିକତାକୁ ସୁନିଶ୍ଚିତ କରୁଛି। ଅତିରିକ୍ତ ଭାବରେ, ଉକ୍ତ ଲାଇନରେ ଉକ୍ତ ଲାଇନରେ ୟାର୍ଡ ମ୍ୟାପିଙ୍ଗ୍ ଓ ଏମଇଏସ ବ୍ୟବସ୍ଥା ରହିଛି ତଥା କ୍ରେନ୍ ଲୋକେସନ ଟ୍ରାକିଂ ସିଷ୍ଟମ୍ ସକ୍ଷମ କ୍ରେନ୍ ସହିତ ସଜ୍ଜିତ ହୋଇଛି ଯାହା ସାମଗ୍ରିକ କାର୍ଯ୍ୟକ୍ଷମତାକୁ ଉନ୍ନତ ଗଢୁଛି। ସିଟ୍ ସିୟରିଙ୍ଗ ଲାଇନ୍ ବର୍ତ୍ତମାନ ୫ ରୁ ୧୨.୫ ମିଟର ଲମ୍ବ, ୧୨୫୦ ରୁ ୨୦୦୦ ମିଲିମିଟର ଚଉଡା ଏବଂ ୫ରୁ ୨୦ ମିଲିମିଟର ମୋଟେଇ ପରିମାପର ବିବିଧ ଉତ୍ପାଦ କାଟି ପ୍ରସ୍ତୁତ କରୁଛି ଏବଂ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଏହାର ବହୁମୁଖୀତା ଏବଂ ସାମର୍ଥ୍ୟ ପ୍ରଦର୍ଶନ କରୁଛି।




ବେଙ୍ଗଲ ବିପକ୍ଷରେ ଗୋଲ୍ ସ୍କୋର୍ ପରେ ଖୁସି ମନାଉଛନ୍ତି କଳିଙ୍ଗ ଲାନ୍ସର୍ସ ଖେଳାଳି

# ଆଇଜିଏଚ୍‌ରେ ଶ୍ୱାସରୁଦ୍ଧ ଶିଶୁଙ୍କ ସଫଳ ଚିକିତ୍ସା

**ରାଉରକେଲା, ୭।୧(ସମିସ):** ଦୋଳିର ଦଉଡ଼ି ଏବଂ ଶିକୁଳି ଦ୍ୱାରା ଦୁଇ ଜଣ ଶିଶୁଙ୍କ ଗଳା ଛନ୍ଦିହୋଇ ଶ୍ୱାସରୁଦ୍ଧ ହୋଇଥିବାବେଳେ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ୍) ରେ ସେମାନଙ୍କ ଚିକିତ୍ସା କରାଯାଇ ଜୀବନରକ୍ଷା କରାଯାଇପାରିଛି। ଏପରି ଏକ ବିପଦଜ୍ଜନକ ପରିସ୍ଥିତିରୁ ଶିଶୁ ଦ୍ୱୟଙ୍କୁ ଉଦ୍ଧାର କରିବା ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲର ଶିଶୁ ବିଶେଷଜ୍ଞମାନେ ଆରୋଗ୍ୟ କରି ସେମାନଙ୍କର ଜୀବନ ରକ୍ଷା କରି ପାରିଛନ୍ତି। ସୂଚନା ମୁତାବକ ପ୍ରଥମ ମାମଲାରେ ଝାରସୁଗୁଡ଼ାରୁ ଆସିଥିବା ଜଣେ ୧୧ ବର୍ଷର ବାଳିକା ଗୁରୁତର ଅବସ୍ଥାରେ ଆଇଜିଏଚ୍‌ରେ ଭର୍ତ୍ତି ହୋଇଥିଲେ। ଏକ ଦୋଳି ଦଉଡ଼ିରେ ତାଙ୍କର ଗଳା ଛନ୍ଦିହେବା କାରଣରୁ ଗୁରୁତର ହୋଇ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ସେ ହସ୍ପିଟାଲରେ ପହଞ୍ଚିବା ବେଳେ ତାଙ୍କ ଠାରେ ଜୀବନଘାତୀ ସଂକଟାପନ୍ନ ଶ୍ୱାସକ୍ରିୟା ସମସ୍ୟା ପରିଲକ୍ଷିତ ହୋଇଥିଲା। ଡାକ୍ତରୀ ଦଳ ତୁରନ୍ତ ଚିକିତ୍ସା ଆରମ୍ଭ କରି ଏକ କୋଲାର ସହାୟତାରେ ତାଙ୍କର ମେରୁଦଣ୍ଡକୁ ବେକ ଅସ୍ଥି ସହିତ ସ୍ଥିର କରିଥିଲେ ଏବଂ ଭେଣ୍ଟିଲେସନ୍ ଚିକିତ୍ସା ଆରମ୍ଭ କରିଥିଲେ। ଏକ୍ସ-ରେ ଏବଂ ବେକର ସିଟି ସ୍କାନ୍ ସହିତ ଅଧିକ ଅନୁସନ୍ଧାନରେ ଆସ୍ପିରେଶନ୍ ନିମୋନିଆ ଏବଂ ଏକ ଓଡୋଣ୍ଟଏଡ୍ ହାଡ଼ଭଙ୍ଗା ଥିବା ଜଣା ପଡ଼ିଥିଲା। ଭେଣ୍ଟିଲେଟର ଏବଂ ଇଣ୍ଟେନ୍ସିଭ୍ କେୟାରରେ ଦୁଇ ଦିନ ଧରି ଆଇଜିଏଚ୍ ଶିଶୁ ବିଭାଗର ପ୍ରୟାସ ଦ୍ୱାରା ବାଳିକା ଜଣକ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିଲେ।

ସେହିପରି ଦ୍ୱିତୀୟ ମାମଲାରେ ମଧ୍ୟ ରାଉରକେଲାର ଜଣେ ସମ ବୟସ୍କା ବାଳିକା ଦୋଳି ଖେଳିବା ସମୟରେ ଦଉଡ଼ିରେ ଚାପି ହୋଇ ଗଳାରେ ଗଭୀର ଆଘାତ ପାଇଥିଲେ। ସେ ମଧ୍ୟ ଅନୁରୂପ ଭାବେ ଶ୍ୱାସକ୍ରିୟାରେ ଗଭୀର ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ ସଂକଟାପନ୍ନ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ତିନି ଦିନ ପାଇଁ ଯାନ୍ତ୍ରିକ ଭେଣ୍ଟିଲେସନ୍‌ରେ ରଖାଯାଇଥିଲା। ତାଙ୍କର ଏକ୍ସରେ ରିପୋର୍ଟରେ ଛାତିରେ ଆଂଶିକ ନିମୋନିଆ ମଧ୍ୟ ପ୍ରକାଶ ପାଇଥିଲା। କିନ୍ତୁ ଏକ୍ସ-ରେ ବେକରେ କୌଣସି ଆଘାତ ନଥିବାର ଜଣା ପଡ଼ିଥିଲା। ତାଙ୍କୁ ମଧ୍ୟ ସଫଳତାର ସହିତ ଚିକିତ୍ସା କରାଯାଇଥିଲା ଏବଂ ୮ ଦିନ ପରେ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା।

**'ଏକତ୍ର'ର ନୂତନ କର୍ମକର୍ତ୍ତା ନିର୍ବାଚନ**

# ରାଜୀବ ପାଣି ସଭାପତି, ବିଜୟ ପାତ୍ର ସାଧାରଣ ସମ୍ପାଦକ

ରାଉରକେଲା, ୭।୧(ସମିସ): ସହରର ୨୫ଟି ନାଟ୍ୟାନୁଷ୍ଠାନକୁ ନେଇ ଗଠିତ 'ଏକତ୍ର' ରାଉରକେଲାର ୨୦୨୫-୨୬ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ଏହି କ୍ରମରେ ନୂତନ ସଭାପତି ଭାବେ ରାଜୀବ ପାଣି ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ଆଲୋକ ବୋଷ, ରମେଶଚନ୍ଦ୍ର ମହାନ୍ତି, ବିଲୋଚନ ପାତ୍ର, ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ପାତ୍ର, ସମ୍ପାଦକ ସୁଦେଶ କୁମାର ନାୟକ ଓ ପ୍ରସନ୍ନ କୁମାର ମହାନ୍ତି, ସାଙ୍ଗଠନିକ ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତି, ସାଂସ୍କୃତିକ ସମ୍ପାଦକ ପ୍ରବୀର କୁମାର ଜେନା, ସମନ୍ୱୟ ସମ୍ପାଦକ ଅକ୍ଷୟ କୁମାର ଧଳ, କୋଷାଧ୍ୟକ୍ଷ ରୂପେ ପ୍ରଜ୍ଞାନନ୍ଦ ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି। ଏହି ଉପଲକ୍ଷେ ସ୍ଥାନୀୟ ସେକ୍ଟର-୭ ସ୍ଥିତ ନାୟିକା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ନିର୍ବାଚନରେ ନିର୍ବାଚନ ଅଧିକାରୀ ରୂପେ 'ଏକତ୍ର'ର ଅନ୍ୟତମ ଉପଦେଷ୍ଟା ଡାକ୍ତର କୃପାସିନ୍ଧୁ ନାୟକ ଓ ସୁମନ ଦତ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ଗତ ୪ ତାରିଖ ଦିନ ସେକ୍ଟର-୯ ସ୍ଥିତ ମଙ୍ଗଳା ମନ୍ଦିର ପରିସରରେ କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରାଯାଇଥିଲା।

# ପୋଡ଼ିହୋଇ ଯୁବକ ଗୁରୁତର

ବଣାଇଁ, ୭।୧( ସମିସ): ବଣାଇଁ ଥାନା ଭାଲୁଡୁଙ୍ଗୁରି ପଞ୍ଚାୟତ ଖଣ୍ଡାପାଟ ଗ୍ରାମରେ ସୋମବାର ରାତିରେ ନିଆଁରେ ପୋଡ଼ି ହୋଇ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ଉକ୍ତ ଗ୍ରାମର ପଣିକିଆ କିସାନ(୫୦)। ପ୍ରକାଶ ଯେ, ଗତକାଲି ରାତିରେ ପଣିକିଆ ନିଶାସକ୍ତ ହୋଇ ଖାଇବା ପାଇଁ ଅଣ୍ଡା ଭାଜିବା ବେଳେ ଚୁଲିରେ ପଡ଼ି ଯାଇଥିଲେ। ପିନ୍ଧିଥିବା ଲୁଙ୍ଗିରେ ନିଆଁ ଲାଗିଯିବା ଫଳରେ ତାଙ୍କ ଶରୀର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ତାଙ୍କ ପାଟି ଶୁଣି ପରିବାର ଲୋକେ ଦୌଡ଼ି ଆସି ନିଆଁକୁ ଆୟତ୍ତ କରିବା ସହିତ ତୁରନ୍ତ ତାଙ୍କୁ ଉଦ୍ଧାର କରି ବଣାଇଁ ସରକାରୀ ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଆଜି ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଏବେ ପଣିକିଆ କିସାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡ଼ିଛି।

**ଲୋକନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା**

# ଆତ୍ମସନ୍ତୋଷର ବାର୍ତ୍ତାଦେଲା 'ଜାନୁଘଣ୍ଟ'

**ରାଉରକେଲା, ୭।୧(ସମିସ)**

ରାଉରକେଲାର ସିଭିକ୍ ସେଣ୍ଟରଠାରେ କଲଚରାଲ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ୩୭ତମ ଲୋକନାଟକ ମହୋତ୍ସବ'ର ତୃତୀୟ ସନ୍ଧ୍ୟାରେ ନାଟ୍ୟ ସଂସ୍ଥା ପରିଚୟ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ନାଟକ 'ଜାନୁଘଣ୍ଟ'। କଲଚରାଲ ଏକାଡେମୀର ସଭାପତି ପଶୁପତି ନାଥ ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ କମ୍ରେଡ୍ ଜାହାଙ୍ଗୀର ଅଲ୍ଲୀ ଯୋଗଦେଇ କହିଲେ କଲଚରାଲ ଏକାଡେମୀର ଏହି ଅଭିନବ ଲୋକନାଟକ ମହୋତ୍ସବ ଏକ ନିଆରା ଇତିହାସ ସୃଷ୍ଟି କରିଛି। ଅନ୍ୟତମ ବରେଣ୍ୟ ଅତିଥି ଭୂପେନ ମହାପାତ୍ର କହିଲେ ଯେ, କଲଚରାଲ ଏକାଡେମୀ, ଏହି ନିରନ୍ତର ପ୍ରୟାସ ହେତୁ ସମ୍ପ୍ରତି ଲୋକନାଟକ ମହୋତ୍ସବ ଓଡ଼ିଶାରେ ନିଜର ପରିଚୟ ସୃଷ୍ଟି କରିପାରିଛି।

ଆଲୋକ ବୋଷ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କଲଚରାଲ ଏକାଡେମୀର ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ସୁଜିତ ନାୟକ ଧନ୍ୟବାଦ



ଅର୍ପଣ କରିଥିଲେ। କଲଚରାଲ ଏକାଡେମୀର ସଦସ୍ୟ ସହଆବାହକ ଅକ୍ଷୟ ସାମଲ, ଡ. ଶ୍ରୀକାନ୍ତ ମହାନ୍ତି, ଡ. ପ୍ରଭାତ ମଲ୍ଲିକ, ଗୋକୁଳାନନ୍ଦ ଦାଶ, ଅକ୍ଷୟ ପଣ୍ଡା, ଡ. ନଗେନ ଦାସ, ଡା. କୃପାସିନ୍ଧୁ ନାୟକ, କିଶୋର ଚନ୍ଦ୍ର ବେହେରା, କେଦାରନାଥ ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ବଳରାମ ରାଉଳ, ନିକୁଞ୍ଜ ରାଉତରାୟ, ବିଷ୍ଣୁପ୍ରିୟା ମହାପାତ୍ର, ସୁକାନ୍ତ ମହାପାତ୍ର, ମୀନକେତନ ପଶାୟତ ପ୍ରମୁଖ ସହଯୋଗ କରିଥିଲେ।

ଏହି ଅବସରରେ ପରିଚୟ, ରାଉରକେଲା ଦ୍ୱାରା ପ୍ରଦର୍ଶିତ ତୃତୀୟ ସନ୍ଧ୍ୟାର ନାଟକ 'ଜାନୁଘଣ୍ଟ' ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ଲୋପ ପାଇ ଯାଉଥିବା ଲୋକକଳା 'ଜାନୁଘଣ୍ଟ'କୁ ବୃତ୍ତି ଭାବରେ ଗ୍ରହଣ କରିଥିବା କଳାକାରମାନେ ଦାରିଦ୍ରତା ମଧ୍ୟରେ କାଳାତିପାତ କରୁଥିଲେ ମଧ୍ୟ କଳାରୁ ମିଳୁଥିବା ସନ୍ତୋଷକୁ ଗଣ୍ଠିଧନ କରି ବଞ୍ଚନ୍ତି ସିନା ସରକାରଙ୍କ ଉପରେ ନିଜ ପରିବାରର ବୋଝ ଲଦି ଦେବାକୁ ଚାହାନ୍ତି ନାହିଁ। କିନ୍ତୁ କଳାକାରଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଏହି ଆଦର୍ଶରୁ ବାହାରିଯାଇ ସରପଞ୍ଚଙ୍କ ମାୟା ଜାଲରେ ଛନ୍ଦି ହୋଇଯାଆନ୍ତି ଏବଂ ପରିବାର ଭାଙ୍ଗିଯାଏ। ଏହି କାହାଣୀକୁ ନେଇ ନାଟକ ଜାନୁଘଣ୍ଟ ଗତିଶୀଳ ହୁଏ। ଶେଷରେ ଚାକିରି ନପାଇ ଉଚ୍ଚ ଶିକ୍ଷିତ ପୁଅ ପୁଣି ସେଇ ଲୋକକଳାକୁ ଗ୍ରହଣ କରେ। ଏହି ନାଟକର ନାଟ୍ୟକାର ପ୍ରଭାକର ପାତ୍ର ରହିଥିବାବେଳେ ନାଟ୍ୟ ନିର୍ଦ୍ଦେଶନା ବିଜୟ କୁମାର ଭୋଳ ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଗୁଲାବ ପ୍ରମୋଦ। ଆସନ୍ତା କାଲି ଚତୁର୍ଥ ସନ୍ଧ୍ୟାରେ ଉତ୍କଳ ନାଟ୍ୟମ୍, ଭୁବନେଶ୍ୱର ନାଟ୍ୟସଂସ୍ଥାର କଳାକାରମାନେ ପରିବେଷଣ କରିବେ ନାଟକ 'କର୍ପୋରେଟ୍ ଯନ୍ତା'।

## ମାଣ୍ଡିଆ ଖାଦ୍ୟ ମହୋତ୍ସବ



ସୁନ୍ଦରଗଡ଼,୭।୧(ସମିସ): ଶ୍ରୀଅନ୍ନ ଅଭିଯାନ ପକ୍ଷରୁ ମଙ୍ଗଳବାର କିରେଇ ପଞ୍ଚାୟତର ବିଜୁଳିଖମନ ଗ୍ରାମରେ ମାଣ୍ଡିଆ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସ୍ଥାୟୀ କୃଷି ଏବଂ ସୁସ୍ଥ ଖାଦ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଶ୍ରୀ ଅନ୍ନ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରଦର୍ଶନ କରା ଯାଇଥିଲା। ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ।

ସମ୍ମାନିତ ଅତିଥି ଭାବେ ଟିଡିସିସି ରାଜ୍ୟ ସଭାପତି ଚମେଲି ଓରାମ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ହରିହର ନାୟକ, ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ଏଡିଓ ଦୀପ୍ତି ପଟେଲ, ୱାସାନ୍‌ର ଆଞ୍ଚଳିକ ସଂଯୋଜକ ଅରବିନ୍ଦ ମାଝୀ, ସେବାର ସଚିବ ସୁଶୀଲ କୁମାର ଦାଶ, ଡିପିଏମ୍ ତୁଳାନାଥ ବନଛୋର୍ ପ୍ରମୁଖ ମଞ୍ଚାସୀନ ଥିଲେ। ସେବାର ଫାଇନାନ୍ସ ମ୍ୟାନେଜର ଶ୍ରୀକାନ୍ତ କଉଡ଼ି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଞ୍ଚଳର ଉତ୍ସାହୀ, କୃଷକ, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସ୍ଥାନୀୟ ଏସଏଚଜି ସଭ୍ୟା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର

### ● ଲେଫ୍ରିପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ସୁନ୍ଦରଗଡ଼,୭।୧(ସମିସ): ଲେଫ୍ରିପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ସୁଦାମ ଚରଣ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପୂର୍ବତନ ଅଧ୍ୟକ୍ଷ ନରୋତ୍ତମ କାଲୋ ଛାତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନେ କିପରି ନିଜକୁ ନିଜେ ସୁରକ୍ଷିତ କରି ପାରିବେ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ।

ଓଡ଼ିଆ ଅଧ୍ୟାପିକା ସୁରେଖା ନାଏକ ଆତ୍ମ ଶକ୍ତିର ମହତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କୁସୁମ କୁମାର ପଟେଲ, ନୀଳାମ୍ବର ପଟେଲ, ଗୋବର୍ଦ୍ଧନ ବେହେରା ଓ ନିହାର ରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ। କ୍ରୀଡ଼ା ଶିକ୍ଷକ ଗିରୀଶ ଚନ୍ଦ୍ର ମିଶ୍ର ସଭା ପରିଚାଳନା କରିଥିବାବେଳେ ଇଂରାଜୀ ଅଧ୍ୟାପକ ଶାନ୍ତି ରାୟ ସରେଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ନୟଶ୍ରୀ ଟପ୍ପୋ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କଳା, କୌଶଳ ତାଲିମ ପ୍ରଦାନ କରୁଛନ୍ତି।

### ● କିଞ୍ଜିରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

କିଞ୍ଜିରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇ ଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଦିଲ୍ଲୀପ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ବାଳିକାମାନଙ୍କ ପାଇଁ ଆତ୍ମସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଶିବିର ଛାତ୍ରୀମାନଙ୍କ ପାଇଁ ନିଶ୍ଚିତ ଭାବେ ଉପଯୋଗୀ ହେବ ବୋଲି କହିଥିଲେ। ଶିବିରର ସଂଯୋଜିକା ଅଧ୍ୟାପିକା ଲୀଳାବତୀ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ଚିନ୍ତାମଣି ମେହେର, ସୁରେଶ ମେହେର, ପ୍ରସନ୍ନ ଟପ୍ପୋ, ବିରାଜ ବାର୍ଲା, ସୁବର୍ଣ୍ଣ ନାଏକ, ସଞ୍ଜୀବ ନାଏକ, ସୁରେଶ ବାଗ, ଦିଲ୍ଲୀପ ନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ୮ ଦିନ ଧରି ୨ ଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଶିବିରରେ ୭ ୯ ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିବେ। ପ୍ରଶିକ୍ଷକ ଭାବେ ଯଶିନ୍ତା ବାଗ ଦାୟିତ୍ୱ ନେଇଛନ୍ତି।

# ଝିଅଙ୍କୁ ଫେରାଇ ଆଣିବା ଦାବିରେ ଧାରଣା

### ତାମିଲନାଡୁରେ କାମ କରିବାକୁ ଯାଇ ଫସିଛନ୍ତି

ସୁନ୍ଦରଗଡ଼,୭।୧(ସମିସ)



ତାମିଲନାଡୁର ପୋଷାକ ତିଆରି କାରଖାନାରେ ଫସି ରହିଥିବା ଆଦିବାସୀ ବହୁଳ ଲେଫ୍ରିପଡ଼ା ବ୍ଲକର ଝିଅମାନଙ୍କୁ ତାଙ୍କ ଅଭିଭାବକମାନେ ଫେରାଇ ଆଣିବା ପାଇଁ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ବିଫଳ ହେବା ପରେ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। କୋଶଳ ସମାଜ ନେତୃତ୍ୱରେ ସେମାନେ ଜିଲ୍ଲାପାଳ କାର୍ଯାଳୟ ସମ୍ମୁଖସ୍ଥ ଡିଆରଡିଏ ଛକରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। କୋଶଳ ସମାଜ ମହାସଚିବ ଦିଲୀପ କୁମାର ପଣ୍ଡାଙ୍କ ନେତୃତ୍ୱ ଆୟୋଜିତ ଏହି ଧାରଣାରେ କୋଶଳ ସମାଜ ମହିଳା ସଚିବ ପଦ୍ମା ଦେବୀ, ଶଶୀଭୂଷଣ ସିଂ, ସୀତା ସିଂ, ଅଜିତ ଧୂଆ, ଲଳିତା କିସାନ, ସୌଦାମିନି ଲାଲ, ସନ୍ନ୍ୟାସୀ ଡିଲା, ସାବିତ୍ରୀ ପ୍ରଧାନ, ଜଗଦୀଶ ବୈଗା, ମହେନ୍ଦ୍ର ଝରା, ରାଜେନ୍ଦ୍ର ବାରିକ, ଜ୍ଞାନ ନାଏକ, ଭକ୍ତ ରାମ ମୁଣ୍ଡା, ସୁନୀଲ ମୁଣ୍ଡା, ଭୂମିକା କିସାନ ପ୍ରମୁଖ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ, ଲେଫ୍ରିପଡା ବ୍ଲକର ବହୁ ଯୁବତୀଙ୍କୁ କମ୍ପୁଟର ତାଲିମ ନାମରେ କଟକକୁ ନିଆ ଯାଇଥିଲା। ତେବେ ସେଠାରେ ୪୫ ଦିନ ପୋଷାକ ତିଆରି ତାଲିମ ଦିଆ ଯାଇ ତାମିଲନାଡୁର ପୋଷାକ ତିଆରି କାରଖାନାକୁ ପଠା ଯାଇଛି। ତେବେ ସେଠାରେ ତାଙ୍କୁ ହଇରାଣ ହରକତ କରା ଯାଉଛି। ଦେହ ଅସୁସ୍ଥ ହେଲେ ମଧ କେହି ଶୁଣୁ ନାହାନ୍ତି। ଜୋର ଜବରଜସ୍ତି କାମ କରାଉଛନ୍ତି । କାମ କରିବାରେ ଭୁଲ ହେଲେ ଗାଳିଗୁଲଜ କରାଯାଉଛି। ଧମକ ଚମକ ଦେଇ ୧୦ରୁ ୧୨ ଘଣ୍ଟା କାମ ନେଉଛନ୍ତି। ଯୁବତୀମାନେ ବାରମ୍ବାର ଫୋନ କରି ପରିବାର ଲୋକଙ୍କୁ ନିଜ ନିଜର ଅସୁବିଧା ବିଷୟରେ ଜଣାଇ ଘରକୁ ଫେରିବାକୁ ଚାହିଁଲେ ମଧ ଛଡା ଯାଉ ନାହିଁ। ଏଣୁ ଅଭିଭାବକମାନେ ଜିଲ୍ଲାପାଳ, ଶ୍ରମ ଅଧିକାରୀଙ୍କୁ ଜଣାଇଥିଲେ। ତଥାପି କୌଣସି ସୁଫଳ ନ ମିଳିବାରୁ ଗତ ୩ ତାରିଖରେ ସେମାନେ ପୁଣି ଥରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସଂପୃକ୍ତ ଯୁବତୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଫେରାଇ ଅଣା ନ ଗଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଥିଲେ। ସେତେବେଳେ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି। ଏଣୁ ଏହି ଧାରଣା ଦିଆ ଯାଇଛି। ତଥାପି ଆଜି କୌଣସି ପ୍ରଶାସନିକ ଅଧିକାରୀ ତାଙ୍କ ସହିତ ଆଲୋଚନା ପାଇଁ ଆସି ନ ଥିବାରୁ ଅଭିବାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ବାୟୁ ସେନାରେ ନିଯୁକ୍ତି ସମ୍ବନ୍ଧୀୟ ସଚେତନତା



ରାଉରକେଲା,୭।୧(ସମିସ): ରାଉରକେଲା ସହରର ପାନପୋଷରେ ଥିବା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାୟୁ ସେନାରେ ନିଯୁକ୍ତି ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବାୟୁସେନା ନିଯୁକ୍ତି ଶାଖା କେନ୍ଦ୍ର, ଭୁବନେଶ୍ୱରରୁ ଆସିଥିବା ସର୍ଜେଣ୍ଟ ଦୀପେଶ ଏବଂ ରାହୁଲ୍‌ଙ୍କ ସମେତ ରାଉରକେଲା କର୍ମ ନିଯୋଜନ କାର୍ଯ୍ୟାଳୟର କୌଶଳ ବିକାଶ ଅଧିକାରୀ ବୀରେନ୍ଦ୍ର ପ୍ରସାଦ ଯାଦବ ଉପସ୍ଥିତ ଥିଲେ। ଏହି ଅଧିକାରୀମାନେ କେନ୍ଦ୍ର ସରକାରଙ୍କ ଅଗ୍ନିବିର ଯୋଜନା ସହିତ ବାୟୁସେନା ଭର୍ତ୍ତି ହେବା ପାଇଁ ରହିଥିବା ଅଗ୍ନିବୀର ବାୟୁ ଅନ୍ତର୍ଗତ ବିଭିନ୍ନ ପଦବୀରେ ନିଯୁକ୍ତି ସମ୍ପର୍କୀତ ସବିଶେଷ ତଥ୍ୟ ଓ ବିବରଣୀ ପ୍ରଦାନ କରିଥିଲେ। ଏହା ସହିତ ଏହି ଅଗ୍ନିବୀର ବାୟୁ ଅନ୍ତର୍ଗତ ବିଭିନ୍ନ ପଦ ପଦବୀରେ ନିଯୁକ୍ତି ନିମନ୍ତେ ଚଳିତ ମାସ ୭ ତାରିଖରୁ ୨୭ ତାରିଖ ମଧ୍ୟରେ ହେଉଥିବା ପଞ୍ଜୀକରଣ ପ୍ରକ୍ରିୟାରେ ଆଗ୍ରହୀ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନେ ପଞ୍ଜୀକରଣ କରାଇବା ପାଇଁ ସୂଚନା ଦେଇଥିଲେ। ଏହି ପଞ୍ଜୀକରଣ ପ୍ରକ୍ରିୟା ଅନ୍‌ଲାଇନ୍ ମାଧ୍ୟମରେ ହେଉଥିବାରୁ ଏ ସମ୍ପର୍କୀୟ ଆବଶ୍ୟକ ବୈଷୟିକ ସୂଚନା ଓ ପ୍ରକ୍ରିୟା ପାୱାର ପଏଣ୍ଟ ମାଧ୍ୟମରେ ଏହି ଅବସରରେ ପ୍ରଦର୍ଶନ କରାଯାଇଥିଲା। ୧ ଜାନୁଆରୀ ୨୦୦୫ ରୁ ୧ ଜୁଲାଇ ୨୦୦୮ ମସିହା ମଧ୍ୟରେ ଜନ୍ମିତ ତଥା ଆବଶ୍ୟକ ଶିକ୍ଷାଗତ ଓ ଅନ୍ୟ ଯୋଗ୍ୟତା ଥିବା ଆଶାୟୀମାନେ ଏଥିରେ ଭାଗ ନେଇପାରିବେ ବୋଲି ସୂଚନା ଦିଆଯାଇଛି। ସେହିଭଳି ବିଭିନ୍ନ ସମୟରେ ଭାରତୀୟ ସେନାବାହିନୀ ଓ ବାୟୁସେନାରେ ହେଉଥିବା ନିଯୁକ୍ତି ସମ୍ପର୍କିତ ରାଲି ବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବିଷୟରେ ମଧ ଏହି ଅବସରରେ ସୂଚନା ଦିଆଯାଇ ଏଥିରେ ଯୋଗଦେବାର ବ୍ୟବସ୍ଥା ଓ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦିଆଯାଇଛି। ଅଧ୍ୟକ୍ଷା ଡ. ସାମଲ ଏହିଭଳି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଆଶାୟୀ ଛାତ୍ରଛାତ୍ରୀ ବାୟୁସେନାରେ ନିଯୁକ୍ତି ସମ୍ପର୍କରେ ଅନେକ କଥା ଜାଣିବାର ସୁଯୋଗ ପାଇ ଏହାକୁ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପିକା ରାମେଶ୍ୱରୀ ଭୋଇ ସଂଯୋଜନା କରିଥିଲେ। ଏଥିରେ ବିଶେଷଭାବେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ।

## ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

ବାଲିଶଙ୍କରା,୭।୧(ସମିସ): କିଞ୍ଜିରକେଲା ଥାନା ଧୁବେନଦାଣ୍ଡ ପଞ୍ଚାୟତ ଧୁବେନଦାଣ୍ଡ ଗ୍ରାମର ଯୁବକ ରାମ ରାଉତିଆ (୨୮) ଗୋଆକୁ ମାଛ ମାରିବାକୁ ଯାଇଥିବାବେଳେ ସମୁଦ୍ରରେ ବୁଡ଼ି ପ୍ରାଣ ହରାଇଛନ୍ତି। ସୋମବାର ତାଙ୍କ ଶବ ଗାଁ କୁ ଫେରିଛି। ସେ ରୋଜଗାର ଆଶାରେ ୪ ମାସ ତଳେ ଦାଦନ ଖଟିବାକୁ ଗୋଆରେ ମାଛ ଧରିବାକୁ ଯାଇଥିଲେ। ଗୋଆର ଏକ ମାଛ ଧରା କମ୍ପାନୀରେ ସେ କାର୍ଯ୍ୟକରୁଥିବାବେଳେ ଶନିବାର ମୋଟର ଡଙ୍ଗାରେ ସମୁଦ୍ରକୁ ଯାଇ ପାଣିରେ ଖସି ପଡ଼ିଥିଲେ। ତାଙ୍କ ସାଥୀମାନେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ସେତେବେଳେକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମାଛ ଧରା କମ୍ପାନୀ ପକ୍ଷରୁ ତାଙ୍କ ଶବକୁ ବିମାନରେ ଗୋଆରୁ ରାଞ୍ଚି ପର୍ଯ୍ୟନ୍ତ ଅଣାଯାଇଥିଲା। ପରେ ସେଠାରୁ ଆମ୍ବୁଲାନ୍ସ ଦ୍ୱାରା ଗାଁକୁ ପହଞ୍ଚିଥିଲା।

## ପୁଲିସ ହାତରେ ଚୋର ଦଳ

ରାଉରକେଲା, ୭।୧(ସମିସ): ରାଉରକେଲା ଜିଲ୍ଲା ପୁଲିସ ଅନ୍ତର୍ଗତ ଏକ ଥାନା ଅଞ୍ଚଳରୁ ଚୋରି କରିବା ଅଭିଯୋଗରେ ପୁଲିସ ହାତରେ କିଛି ଚୋର ଦଳ ପଡ଼ିଥିବା ସୂଚନା ମିଳିଛି। ସେମାନଙ୍କୁ ପୁଲିସ ଏକ ଅଜ୍ଞାତ ସ୍ଥାନରେ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, କିଛି ଦିନର ବ୍ୟବଧାନରେ ପ୍ରାୟ ୫-୧୦ଟି ଘରୁ ଏସି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏଥିରେ ସମ୍ପୃକ୍ତ ଥିବା କିଛି ଦୁର୍ବୃତ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା ପୁଲିସ। ତେବେ ସେମାନଙ୍କୁ ଅଧିକ ପଚରା ଉଚରା ଜାରି ରହିଥିବା ସୂଚନା ମିଳିଛି।

### ଏମ୍‌ବିପିଏଲ୍ କାରଖାନା ପ୍ରତିଷ୍ଠା ନେଇ ସବ୍‌କମିଟି ବୈଠକ ବିଫଳ

# କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ ଚେତାବନୀ

ସୁନ୍ଦରଗଡ଼,୭।୧(ସମିସ): ସୁନ୍ଦରଗଡ଼ ସଦର ବ୍ଲକର ଭେଡାବାହାଲ ଠାରେ ଏମ୍‌ବିପିଏଲ୍ ପ୍ରକଳ୍ପ ପ୍ରତିଷ୍ଠା ନେଇ ସ୍ଥାନୀୟ ସଦ୍‌ଭାବନା ଭବନରେ ମଙ୍ଗଳବାର ଆୟୋଜିତ ସବ କମିଟି ବୈଠକ ବିଫଳ ହୋଇଛି।

ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ତଥା ସଦର ଉପଜିଲ୍ଲାପାଳ ଦାଶରଥି ସରାବୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଉପସ୍ଥିତ ପ୍ରଭାବିତ ଗ୍ରାମ ଗୁଡ଼ିକର ଆର୍‌ପିଡିଏସି ସଭ୍ୟମାନଙ୍କୁ ବୈଠକରେ କିଛି କହିବାରୁ ସୁଯୋଗ ଦିଆ ଯାଇ ନଥିବାରୁ ସେମାନେ ବୈଠକ ପରିତ୍ୟାଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉପ ଜିଲ୍ଲାପାଳ ଶ୍ରୀ ସରାବୁ ଏମ୍‌ବିପିଏଲ ପ୍ରକଳ୍ପ ସକାଶେ ଆରଏଣ୍ଡଆର୍ ସାଇଟ ପ୍ୟାକେଜ ସମ୍ପର୍କରେ ଆଲୋଚନା ପାଇଁ ଗତ ୨ ତାରିଖରେ ବୈଠକ ଡକାଇ ଥିଲେ। ତେବେ ଉକ୍ତ ଦିନ ଜିଲ୍ଲା ମହୋତ୍ସବ ଯତରା ଆରମ୍ଭ ହୋଇଥିବାରୁ ପରବର୍ତ୍ତୀ ସମୟରେ ଏହାକୁ ୭ ତାରିଖକୁ ଘୁଞ୍ଚାଇ ଦେଇଥିଲେ। ବୈଠକରେ ଯୋଗଦାନ ପାଇଁ ପ୍ରକଳ୍ପ ପ୍ରଭାବିତ ଭେଡାବାହାଲ, କିରେଇ, କନ୍ଦାବାହାଲ, ଲଙ୍କାହୁଡା, ରୂପିଡିହି ଓ କୋପସିଂହା ଗ୍ରାମର ୨୬ ଜଣ ଆରପିଡିଏସି ସଭ୍ୟ ଓ ସଦର (କ) ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ଭେଡାବାହାଲ ସରପଞ୍ଚ ଜିତେନ୍ଦ୍ର କୁମାର ନାଏକ, କିରେଇ ସରପଞ୍ଚ ଝରଣା ବଘୁଆର, ଲଙ୍କାହୁଡା ସରପଂଚ ସୁଜାତା ନାଏକଙ୍କ ସମେତ ସ୍ୱେଚ୍ଛାସେବୀ ସଂସ୍ଥା ସେବକ, ପ୍ରଗତି, କିରେଇ ଗ୍ରାମର ମାଁ ତାରିଣୀ ଏସଏଚଜି, ଲଙ୍କାହୁଡା ଗ୍ରାମର ଜାଗୃତି ଏସଏଚଜିଙ୍କୁ ଆମନ୍ତ୍ରଣ କରିଥିଲେ। ତେବେ ଆୟୋଜିତ ବୈଠକରେ ପ୍ରଭାବିତ ଆର୍‌ପିଡିଏସି ସଭ୍ୟ ମାନଙ୍କୁ କିଛି କହିବାର ସୁଯୋଗ ଦିଆ ଯାଇ ନ ଥିଲା। ସେମାନେ ଏହାର ପ୍ରତିବାଦ କରିବାରେ ଉପସ୍ଥିତ ଏମବିପିଏଲ ଅଧିକାରୀ ତାଙ୍କୁ ତୁମ କଥା ଶୁଣା ଯିବା ନାହିଁ ରୋକଠୋକ ଶୁଣାଇ ଥିଲେ। ଏଣୁ ସେମାନେ ବୈଠକ ବର୍ଜନ କରି ଏହା ବିରୋଧରେ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ବିରୋଧରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରା ନ ଗଲେ କମ୍ପାନୀକୁ ବିରୋଧ କରି ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ଗୁଳିକାଣ୍ଡରେ ଯୁବକ ଗୁରୁତର

ସୁନ୍ଦରଗଡ଼,୭ ।୧(ସମିସ୍ୟ ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ ସୁନ୍ଦରଗଡ଼ ଟାଉନ ଥାନାରୁ ଅନତି ଦୂରରେ ଥିବା ହୋଟେଲ ଜେଡିଆର୍ ପଛ ପଟେ ଗୁଳିକାଣ୍ଡ ଘଟିଛି। ଏହି ଗୁଳିକାଣ୍ଡରେ ରାଜ ଯାଦବ ନାମକ ଜଣେ ଯୁବକ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ପଠା ଯାଇଥିବା କୁହାଯାଉଛି। ତେବେ ଏ ନେଇ ପୁଲିସ ଅଧିକାରୀ ମୁହଁ ଖୋଲୁ ନାହାନ୍ତି। ସୁନ୍ଦରଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତା ନୂତନ ସାମଦ ଓ ଟାଉନ ଥାନା ଆଇଆଇସି ଆଦିତ୍ୟ ମହାକୁର ଏ ନେଇ ତାଙ୍କ ପାଖରେ କୌଣସି ସୂଚନା ନ ଥିବା କହିଛନ୍ତି।

# ଦୁର୍ଘଟଣାରେ ଜଣେ ଗୁରୁତର

କୁତ୍ରା,୭।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ଗୋମାରଡିହି ଛକ ରାଜ୍ୟ ରାଜପଥ-୧୦ ଉପରେ ଦୁଇଟି ବାଇକ୍ ମୁହାଁ ମୁହିଁ ଧକ୍କା ହେବା ଫଳରେ ଜଣେ ଗୁରୁତର ହୋଇଥିବା ବେଳେ ଆଉ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ସକାଳେ ସୁନ୍ଦରଗଡ଼ ସଦର ଥାନା ଅଧୀନ କୁର୍ଗା ଗ୍ରାମର ସୁବ୍ରତ ପଟେଲ(୨୫) ଓ ତାଙ୍କ ବାପା ଟଙ୍କଧର ପଟେଲ ନିଜ ମଟରସାଇକେଲରେ ସୁନ୍ଦରଗଡ଼ରୁ ରାଉରକେଲା ପଟକୁ ଯାଉଥିବା ସମୟରେ ରାଜଗାଙ୍ଗପୁର ଥାନା ଅଧୀନ ସୁଖାନାଲା ଗ୍ରାମର କଶ୍ମିନ ଲାକ୍ରା ଓ ତାଙ୍କ ସାଙ୍ଗ ଗୋମାରଡିହିରୁ ରାଜଗାଙ୍ଗପୁରକୁ ଯାଉଥିଲେ। ଗୋମାରଡିହି ଛକଠାରେ ଉଭୟ ବାଇକ୍ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ଟଙ୍କଧରଙ୍କ ମୁଣ୍ଡରେ ଆଘାତ ଲାଗିବା ସହିତ କଶ୍ମିନଙ୍କ ଶରୀରର ବିଭିନ୍ନ ଜାଗାରେ ଆଘାତ ଲାଗିଥିଲା। ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଟଙ୍କଧରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୁନ୍ଦରଗଡ଼ ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



## ପୋଖରୀରେ ବୁଡ଼ି ଜଣେ ମୃତ

ସୁନ୍ଦରଗଡ଼,୭।୧(ସମିସ): ଧରୁଆଡିହି ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମରେ ମଙ୍ଗଳବାର ପୋଖରୀରେ ବୁଡ଼ି ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ରାମ ଭୁଏ (୫୨)। ରାମ ଗାଁ ପୋଖରୀକୁ ଗୋଧୋଇବାକୁ ଯାଇ ପାଣି ଭିତରେ ବୁଡ଼ି ଯାଇଥିଲେ। ଏହା ଦେଖି କେତେକ ତାଙ୍କୁ ଉଦ୍ଧାର କରି ମଝାପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ପରେ ତାଙ୍କ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ପୁଲିସ ମୃତକଙ୍କ ଶବ ଡାକ୍ତରଖାନାରୁ ମର୍ଗ ହାଉସରେ ସଂରକ୍ଷିତ ରଖାଇଛି। ବୁଧବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ସଂଯୁକ୍ତା ସାହୁ କହିଛନ୍ତି।

# ପିଣ୍ଡିରେ କୁକୁର, ରାସ୍ତାରେ ବେପାର

## ନବନିର୍ମିତ ଭେଣ୍ଡିଂଜୋନ୍ କାହା ସ୍ୱାର୍ଥରେ ?

ବଣାଇଁ,୭।୧(ସମିସ)



ବଣାଇଁ ସହରର ପଥପାଶ୍ୱର୍ ବିକ୍ରେତାଙ୍କ ସୁବିଧା ପାଇଁ ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଥିବାବେଳେ ତାହା ବଣ୍ଟନ ନ ହୋଇ ପଡ଼ିରହିଛି। ତେବେ ଏସବୁ କେଉଁ ସ୍ୱାର୍ଥରେ ତିଆରି ହୋଇଛି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଷ୍ଟେଟ ବ୍ୟାଙ୍କ ପଛ ପାଶ୍ୱର୍ରେ ବଣାଇଁ ଗ୍ରାମ ପଞ୍ଚାୟତ ତରଫରୁ ୩ ଲକ୍ଷ ୫୦ ହଜାର ଟଙ୍କାରେ ନିର୍ମାଣ ହୋଇଥିବା ୧୫ଟି ପିଣ୍ଡି ଦୀର୍ଘ ଦିନ ଧରି ତିଆରି ହୋଇଥିଲେ ସୁଦ୍ଧା ବ୍ୟବସାୟୀ ମାନଙ୍କୁ ଆବଣ୍ଟନ ନ ହେବାରୁ ଦିନ ବେଳା କୁକୁର ଓ ସନ୍ଧ୍ୟାରେ ମଦ୍ୟପ ମାନଙ୍କ କବଜାରେ ରହୁଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଦୀର୍ଘ ଦିନ ଧରି ମାଛ, ମାଂସ ବେପାର କରୁଥିବା ଦୋକାନୀ ମାନେ ବାଧ ହୋଇ ରାସ୍ତା କଡ଼ରେ ବେଧଡକ ତାଙ୍କର ବେପାର କରିଆସୁଛନ୍ତି। ପଥ ପାଶ୍ୱର୍?ରେ ମାଂସ ବେପାର ନିଷେଧ ପାଇଁ ଆଇନ୍ ଥିଲେ ମଧ ପ୍ରତ୍ୟେକ ଦିନ ବଣାଇଁ ଶିଶୁ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା କଡ଼ରେ ମାଂସ ବେପାର ଚାଲିଛି। ବାରମ୍ବାର ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ ସେ ସେଥିପ୍ରତି ସେ ଧ୍ୟାନ ଦେଉନଥିବା ଦେଖିବାକୁ ମିଳିଛି।

ସେହିପରି ଭାବେ ଚର୍ଚ୍ଚ ଛକ ଠାରୁ ବ୍ଲକ୍ ଛକ ମଧ୍ୟରେ ରାସ୍ତା କଡ଼ରେ ବିଭିନ୍ନ ସ୍ଥାନରେ ବେଧଡକ ଭାବେ ମାଂସ କଟା ହୋଇ ବିକ୍ରୀ କରୁଥିଲେ ମଧ ପ୍ରଶାସନ କିମ୍ବା ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ।ଆଖି ସାମ୍ନାରେ ନିରିହ ପଶୁଙ୍କୁ କାଟି ଦେଉଥିବା ବେଳେ ସେହିରାସ୍ତା ଦେଇ ଯାଉଥିବା ମହିଳା ଓ ସ୍କୁଲ ଯାଉଥିବା କୋମଳମତୀ ଶିଶୁ ମାନଙ୍କ ଉପରେ ଏହାର କୁ ପ୍ରଭାବ ପଡୁଛି। ତେଣୁ ଏଥିପ୍ରତି ସ୍ଥାନୀୟ ପୋଲିସ ଓ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ମତ ଦେଇଛନ୍ତି।

# ଅଖଣ୍ଡ ଭୂୟାଁ ସମାଜର ମଣ୍ଡଳସ୍ତରୀୟ ସମ୍ମିଳନୀ

ସୁନ୍ଦରଗଡ଼,୭।୧(ସମିସ)



ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହା ସମାଜର ହେମଗିରି, ଟାଙ୍ଗରପାଲି ଓ ଲେଫ୍ରିପଡ଼ା ମଣ୍ଡଳ କମିଟି ପକ୍ଷରୁ ବେଲସରା ଭୂୟାଁ ଭବନଠାରେ ମଣ୍ଡଳସ୍ତରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଭୂୟାଁ ସମାଜର ଉପଦେଷ୍ଟା ତଥା ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂହ ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ଭୂୟାଁ ସମାଜକୁ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସାମାଜିକ ସମୀକ୍ଷା କରା ଯାଇଥିଲା। ସେହିପରି ଆସନ୍ତା ଫେବୃଆରୀ ୧୫ ଓ ୧୬ ତାରିଖ ଦୁଇ ଦିନ ଧରି ବଡ଼ଗାଁରେ ହେବାକୁ ଥିବା ସମାଜର ୩୮ ତମ ବାର୍ଷିକ ମହାସଭାର ସଫଳତା ଦିଗରେ ବିଶେଷ ଆଲୋଚନା ହୋଇଥିଲା । କିଛି ଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟି ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଏବଂ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ କୁ ମାଦ୍ରି କାଲୋଙ୍କ ନାମରେ ନାମିତ କରିବା ପାଇଁ ଦାବି ପତ୍ର ଦେଇଥିବା ସମାଜର ପ୍ରତିନିଧି ମଣ୍ଡଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରା ଯାଇଥିଲା। ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା, ସୁନ୍ଦରଗଡ଼ରେ ମାଇନିଙ୍ଗ କଲେଜ୍ ସ୍ଥାପନ, ବିସ୍ଥାପିତ ସମସ୍ୟା ନେଇ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସମ୍ମିଳନୀରେ ନିଷ୍ପତ୍ତି ହୋଇଥିଲା। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ କମିଟିର ବରିଷ୍ଠ ଉପ ସଭାପତି ରବି ରତ୍ନ ପଟେଲ, କେନ୍ଦ୍ରୀୟ ସମ୍ପାଦକ ରାମ ଚନ୍ଦ୍ର ଅମାତ, ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂହ, ଜିଲ୍ଲା କମିଟି ସମ୍ପାଦକ ଗଣେଶ ନାଏକଙ୍କ ସମେତ ସୋନୁ ନାଏକ, ରବି ମାଝୀ, ପଦ୍ମ ଲୋଚନ ନାଏକ, କ୍ଷେତ୍ର ମଣି ନାଏକ, ଶ୍ରୀକାନ୍ତ ମାଝୀ, ଚିତ୍ରାଙ୍ଗଦା ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ।

